# Akashvani, Sambalpur

## SAMBALPURI NEWS MORNING BULLETIN

## 8 April 2026 - 6.47- 6.52 am.

---

ପେଜ୍ ଇଣ୍ଡଷ୍ଟ୍ରିଜ୍-ମୁଖ୍ୟମନ୍ତ୍ରୀ          ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଖୋର୍ଦ୍ଧା ଠାନେ ରାଜ୍ୟ ଶିଳ୍ପ ବିଭାଗ୍ ତର୍ଫୁ  ହେବାର୍କେ ଥିବା ୪୦ ହଜାର୍ ୮ ଶହ ୧୧ କୋଟି ଟଙ୍କାର୍ ୩୬ ଟା ଶିଳ୍ପ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଶୁଭାରମ୍ଭ କର୍‌ବେ । ଇଡାର୍‌ଜରିଏ ରାଏଜେ ୫୯ ହଜାର୍ ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ବିଭାଗ୍ ତର୍ଫୁ କୁହାଯାଇଛେ । ସମୃଦ୍ଧ ଓଡ଼ିଶା ଗଠନ୍ ଦିଗେ ସର୍କାର୍ ଚେରେଷ୍ଟା କରୁଛନ୍ । ଇଥିର୍‌ଲାଗି ଫି’ ଜିଲ୍ଲା ନ ଶିଳ୍ପାୟନ ଥାପ୍‌ନା କରିକରି ରୋଜ୍‌ଗାର୍‌କେ ସୁନିଶ୍ଚିତ୍ କରାଯାଉଛେ । କାର୍ଯ୍ୟକ୍ରମ୍‌ଥି ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁଙ୍କର୍ ସହେତେ ସାଂସଦ୍ ଆଉ ବିଧାୟକ୍ ମାନେ ଉପସ୍ଥିତ୍ ରହେବାର୍ କାର୍ଯ୍ୟସୂଚୀ ରହିଛେ ।

ବଜେଟ୍ ସଚେତନତା କର୍ମଶାଳା          ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ନ ଆୟୋଜିତ୍ ରାଜ୍ୟସ୍ତରୀୟ ବଜେଟ୍ ସଚେତନତା କର୍ମଶାଳା ଆମେ ଜାଣିବା ଆମ ବଜେଟ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ବଜେଟ୍ ଖାଲି ଆୟ ବ୍ୟୟ ନୁହେଁ ଓଡ଼ିଶାର୍ ସାମଗ୍ରିକ୍ ବିକାଶ୍ ଗୁଟେ ରୋଡ୍‌ମେପ୍ ଆଏ । ୨୦୨୬-୨୭ ବଜେଟ୍ ଆଘର୍ ବଛର୍ ଠାନୁ ୭ ପ୍ରତିଶତ୍ ବଢ଼୍‌ବାର୍ ସହେତେ ୩ ଲାଖ୍ ୧୦ ହଜାର୍ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ବଜେଟ୍‌ଥି ୩୧ ଟା ନୂଆଁ ପଦକ୍ଷେପ୍ ସାମିଲ୍ ହେଇଥିବାର୍ ବେଲେ ଭିତିଭୂମି, ଶିଳ୍ପ, ପର୍ଯ୍ୟଟନ୍, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଆଉ ନାରୀସଶକ୍ତିକରଣ୍‌କେ ଖାସ୍ ଗୁରୁତ୍ୱ ଦିଆଯାଇଛେ । ଏପ୍ରିଲ୍ ୧ ନୁ ୧୪ ତାରିଖ୍‌ତକ୍ ଆମେ ଜାଣିବା ଆମ ବଜେଟ୍ ଅଭିଯାନ୍ ପଂଚାୟତ୍‌ସ୍ତର୍‌ତକ୍ ପୁହୁଁଚିବା ଆଉ ସାଧାରଣ୍ ଲୁକ୍‌କୁ ବଜେଟ୍ ବାବ୍‌ଦେ ସଚେତନ୍ କର୍‌ବା । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ- ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନେଇକରି କହିଛନ୍, ଇ ବଜେଟ୍ ହେଉଛେ ନାଗରିକ୍ କୈନ୍ଦ୍ରିକ ହେବା ।

ଆଇନ୍ ଆୟୋଗ୍ ବଛର୍‌ପୂର୍ତି ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ଆଇନ୍ ଆୟୋଗର ଗୁଟେ ବଛର୍ ପୂର୍ତି ଅବ୍‌ସରେ ଗଲାକାଏଲ୍ ଆଇନ୍, ପୂର୍ତ ଆଉ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ୨୦୨୫-୨୬ ବାର୍ଷିକ୍ ରିପୋର୍ଟ ସହେତେ ନୂଆଁ ୱେବ୍‌ସାଇଟ୍‌କେ ଉନ୍ମୋଚନ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ କହିଛନ୍, ସ୍ୱାଧୀନତା ଉତ୍‌ରୁ ଭିଲ୍ ବହୁତ୍‌ଟେ ଅଦର୍‌କାରୀ ଆଇନ୍ ବଲବତର୍ ରହିଥିବାର୍ ବେଲେ ଆଇନ୍ ଆୟୋଗ୍ ଗଠନ୍ ଉତ୍‌ରୁ ୨ ଶହ ୮୮ ଟା ଅଦର୍‌କାରୀ ଆଇନ୍ ପ୍ରତ୍ୟାହାର୍ ହେବାର୍ ସହେତେ ୮ଟା ପ୍ରମୁଖ୍ ଆଇନ୍ ସଂଶୋଧନ୍ ଲାଗି ପ୍ରସ୍ତାବ୍ ଦାଖଲ୍ ହେଇଛେ । ଇ ଆଇନ୍ ବ୍ୟବସ୍ଥାଥି ସୁଧାର୍ ଆନ୍‌ବାର୍ ସହେତେ ବିକଶିତ୍ ଓଡ଼ିଶା ଗଠନ୍ ସପନ୍‌କେ ପୁରା କର୍‌ବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ନୂଆଁ ୱେବ୍‌ସାଇଟ୍ law.odisha.gov.in ସାଧାରଣ ଲୁକଙ୍କର୍ ଭାଗିଦାରୀ ବଢ଼ାବାର୍ ସହେତେ ଆଇନ୍ ସଂଶୋଧନ୍ ପ୍ରକ୍ରିୟା ଅଏତ୍‌କା ଫଟିକ୍ ହେଇପାର୍‌ବା ବଲି ମନ୍ତ୍ରୀ କହିଛନ୍ ।

ଯୋଗାଣ ମନ୍ତ୍ରୀ ବୈଠକ୍        ଆଇ ଆଣ୍ଡ୍ ପି.ଆର୍

ରାଏଜେ ଦର୍କାରୀ ଦରବ୍ ମିଲ୍ବାର୍ ଆଉ ଯୁଗାବାର୍ ଶୃଙ୍ଖଳକେ ସୁନିଶ୍ଚିତ୍ କର୍ବାର୍ ଲାଗି ଭୁବ୍ନେଶ୍ୱର୍ ରାଜ୍ୟ ଯୋଗାଣ ନିଗମ୍ ସମ୍ମିଲନୀ କକ୍ଷ ନ ବ୍ୟବସାୟୀ ସଂଘ ପ୍ରତିନିଧି ମାନ୍କର୍ ଗୁଟେ ବୈଠକ୍ ହେଇଯାଇଛେ । ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍ଥି ଦର୍ଦାମ୍ ବଢ଼୍ବାର୍ ଉପ୍ରେ ନିୟନ୍ତ୍ରଣ୍, ବଜାର୍ ଚାହିଦା ଆଉ ଅଦର୍କାରୀ ମହଜୁଦ୍ ବିରୋଧ୍ଥି କାର୍ଯ୍ୟାନୁଷ୍ଠାନ୍ ବାବ୍ଦେ ଆଲୋଚନା କରାଯାଇଥିଲା । ଇ ଅବ୍ସରେ ବ୍ୟବସାୟୀ ପ୍ରତିନିଧିମାନେ ସବୁପ୍ରକାର୍ ସହଯୋଗ୍ କର୍ବାର୍ ଲାଗି କହିଛନ୍ । ଫି' ଜିଲ୍ଲା ନ ପରିବା ମଣ୍ଡି ଥାପ୍ନା ଆଉ ବ୍ୟବସାୟିକ ପେଣ୍ଠସ୍ଥଳୀ ନିର୍ମାଣ୍ ଲାଗି ସର୍କାର୍ ବିଚାର୍ କର୍ବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଓଡ଼ିଆ ପକ୍ଷ-ରକ୍ତଦାନ ଶିବିର        ଆଇ ଆଣ୍ଡ୍ ପି.ଆର୍

ଓଡ଼ିଆ ପକ୍ଷ -୨୦୨୬ ପାଲନ୍‌ର ୮ ନମ୍ବର୍ ଦିନେ ଆଏଜ୍ ରକ୍ତଦାନ୍ ଅଭିଯାନ୍ ଆୟୋଜନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ବାର୍ତା ଦେଇକରି ରକ୍ତଦାନ୍ କର୍‌ବାର୍‌କେ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ । ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ସ୍ୱେଚ୍ଛାକୃତ ରକ୍ତଦାନ୍ କରିକରି ଜୀବନ୍‌ଦାନ୍ କର୍‌ବାର୍ ଆଉ ରାଏଜେ ରକ୍ତଦାନ୍ ଅଭିଯାନ୍‌କେ ସଫଲ୍ କର୍‌ବାର୍‌କେ ଜୋର୍ ଦେଇଛନ୍ । ଇ ଅବ୍‌ସରେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ଉଚ୍ଚଶିକ୍ଷାନୁଷ୍ଠାନ୍‌ମେ ରକ୍ତଦାନ୍ ଶିବିର୍ ମାନ୍ ଆୟୋଜନ୍ କରାଯିବା ।

ଛତିଶା ନିଯୋଗ୍ ବୈଠକ୍        ପୁରୀ ସମ୍ବାଦଦାତା

ଆଏବା ଏପ୍ରିଲ୍ ୨୦ ତାରିଖ୍ ଅକ୍ଷୟତୃତୀୟା ଦିନୁ ମହାପ୍ରଭୁଙ୍କର୍ ରଥଯାତ୍ରା ଲାଗି ରଥ ନିର୍ମାଣ କାମ୍ ଆଉ ୨୧ ଦିନିଆ ବାହାର ଚନ୍ଦନ୍ ଯାତ୍ରା ଭିଲ୍ ମୁଲ୍ ହେବା । ଗଲାକାଏଲ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଛତିଶା ନିଯୋଗ୍ ବୈଠକ୍‌ଥି ଇଥିର୍‌ଲାଗି

ନୀତି ନିର୍ଘଂଟ ଚୂଡ଼ାନ୍ତ କରାଯାଇଛେ । ବୈଠକ୍‌ଥି ଓଡ଼ିଆ ନବବର୍ଷ ଏପ୍ରିଲ୍ ୧୪ ତାରିଖ୍‌ନୁ ମହାପ୍ରଭୁଙ୍କର୍ ନୂଆଁ ରତ୍ନପଲଙ୍କ ବେଭାର୍ କରାଯିବା ଆଉ ପୁର୍‌ନା ପଲଙ୍କକେ ନିଳାଦ୍ରୀ ମ୍ୟୁଜିୟମ୍ ନ ରଖାଯିବା ବଲି ଧାରିଜ୍ କରାଯାଇଛେ ।
ସେନ୍ତା ଗଲା ୨୫ ତାରିଖ୍‌ନୁ ଶ୍ରୀମନ୍ଦିର୍ ଚଲନ୍ତି ରତ୍ନଭଣ୍ଡାର୍ ନ ଥିବା ରତ୍ନଅଲଙ୍କାର୍ ମାନ୍‌କର୍ ଗନ୍‌ତିମନ୍‌ତି କାମ୍ ଶେଷ୍ ହେଇଥିଲା । ଆଏଜ୍‌ଠାନୁ ୨ ନମ୍ବର୍ ଖେପ୍ ବାହାର ରତ୍ନଭଣ୍ଡାର୍ ଗନ୍‌ତି କାମ୍ ମୁଲ୍ ହେବା ଆଉ ମାର୍ଗଦର୍ଶିକା ଅନ୍‌ସାରେ ଶନିବାର୍, ରଏବାର୍ ଦିନ ଭକ୍ତମାନ୍‌କର୍ ଭିଡ଼୍ ଲାଗି ଗନ୍‌ତିମନ୍‌ତି ନାଇଁ ହୁଏ ବଲି ବୈଠକ୍‌ଥି ଧାରିଜ୍ ହେଇଛେ ।

ଜନଗଣନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଜନଗଣନା -୨୦୨୭ ଥି ଜନସାଧାରଣ୍ ଭାଗିଦାରୀକେ ବଢ଼ାବାର୍ ଲାଗି ପ୍ରଶାସନିକ୍ ସ୍ତର୍ ନ ସଚେତନତା ସୃଷ୍ଟି କରାଯାଉଛେ । ଇଥିର୍‌ଲାଗି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ କର୍ତୃପକ୍ଷଙ୍କର୍ ତର୍‌ଫୁ ଗଲାକାଏଲ୍ ଗୁଟେ ସଚେତନତା ରଥ ପରିକ୍ରମାର୍ ଶୁଭାରମ୍ଭ

କରାଯାଇଛେ । ରଥକେ ଏସ୍‌ଏମ୍‌ସି ଆୟୁକ୍ତ ଆଉ ଜନଗଣନା ଅଧିକାରୀ ରେହାନ୍ ଖତ୍ରୀ ଶୁଭାରମ୍ଭ କରିଥିଲେ । ଇଥିର୍‌ଲାଗି ୪ ଟା ଗାଡ଼ି ଜରିଏ ସମ୍ବଲ୍‌ପୁରର୍ ୪୧ ଟା ୱାର୍ଡ୍ ନ ଜନଗଣନା ବାବ୍‌ଦେ ସଚେତନ୍ କରାଯିବା ।

ରାଜସ୍ୱ ସମୀକ୍ଷା ବୈଠକ-ଝାର୍‌ସୁଗୁଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ନ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ଗଲା ମାର୍ଚ୍ଚ ମାସ୍ ଲାଗି ଭିନ୍ ଭିନ୍ ବିଭାଗ୍‌ର ରାଜସ୍ୱ ଆଦାୟ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ସର୍‌କାରୀସ୍ତର୍ ନ ରାଜସ୍ୱ ବଢ଼ାବାର୍ ସହେତେ ଇଥି ପୁରା ସ୍ୱଚ୍ଛତା ବଜାୟ ରଖ୍‌ବାର୍‌କେ ଜିଲ୍ଲାପାଲ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଆଏବା ୩ ଦିନ୍‌ତକ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍ ସହେତେ ରାଜ୍ୟର୍ ୨୦ ଜିଲ୍ଲା ନ ଧୁକାଗର୍ଡ଼ି ଆଉ ବର୍ଷାକେ ନେଇକରି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।